## ସଂକ୍ଷେପରେ

### ୪୮ ଘଣ୍ଟାରେ ୧ଲକ୍ଷ ୨୭ହଜାର ୪ଶହ ତଣ୍ଡ ଆଦାୟ

ରାୟଗଡ଼ା ଅଫିସ,୮।୧୧- ରାୟଗଡ଼ା ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ଯାଞ୍ଚ ଏବଂ ମାସ୍କ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ରାୟଗଡ଼ା ପୋଲିସ ୪୮ ଘଣ୍ଟା ମଧ୍ୟରେ ୧୪୬ ଟ୍ରାଫିକ୍ ନିୟମ ଉଲ୍ଲଂଘନାକାରୀଙ୍କ ଠାରୁ ୨୩ ହଜାର ୭ଶହ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ମାସ୍କ ନ ପିନ୍ଧି ବାହାରେ ବୁଲିଥିବାବେଳେ ୧୧୬ ଜଣ ୧ଲକ୍ଷ ୩ହଜାର ୭ଶହ ଟଙ୍କା ତଣ୍ଡ ଗଣିଛନ୍ତି। କରୋନା ଗାଇଡ୍‌ଲାଇନ୍ ଏବଂ ଟ୍ରାଫିକ୍ ନିୟମ ମାନି ଯାତାୟାତ କରିବାକୁ ଜିଲାପାଳ ଏବଂ ଏସ୍‌ପି ଲୋକଙ୍କୁ ଆହ୍ୱାନ କରିଛନ୍ତି।

### ନାଗ ଦେବତାଙ୍କୁ ପୂଜିଲେ ତେଲୁଗୁ ମହିଳା



ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ନାଗ ଚତୁର୍ଥୀ ପାଳିଛନ୍ତି। ମହିଳାମାନେ ହୁଙ୍କା ନିକଟକୁ ସଫାସୁତରା କରିବା ସହ ସେଠାରେ ଝୋଟି ପକାଇବା ସହ ଖୀର ଓ ବିଭିନ୍ନ ନୈବେଦ୍ୟ ଦେଇ ନାଗ ଦେବତାଙ୍କ ପୂଜାର୍ଚ୍ଚନା କରିଥିଲେ। କୁକୁଡା ଅଣ୍ଡା ଓ କଳାରାଶିକୁ ଚକଟି ସେଥିରେ ନାଗସର୍ପ ଆକୃତି କରି ହୁଙ୍କା ନିକଟରେ ରଖି ପୂଜା କରିଥିଲେ।

### ସାହିତ୍ୟ ପତ୍ରିକା ଚନ୍ଦନଧାରା ଉନ୍ମୋଚିତ
#### ଜିଲାପାଳ, ଡିଇଓଙ୍କୁ ସମ୍ବର୍ଦ୍ଧନା



ଉମରକୋଟ,୮।୧୧(ସ୍ୱ.ପ୍ର.)- ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ଦାସିଆ ସାଂସ୍କୃତିକ ପରିଷଦ' ପକ୍ଷରୁ ସାହିତ୍ୟ ପତ୍ରିକା 'ଚନ୍ଦନଧାରା' ଉନ୍ମୋଚିତ ହୋଇଛି। ଏହି ଉପଲକ୍ଷେ ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦ ଏବଂ ଉତ୍କଳ ପୂଜ୍ୟପୂଜା ପରିଷଦ ପକ୍ଷରୁ ନୂତନ ଜିଲାପାଳ କମଳ ଲୋଚନ ମିଶ୍ର ଏବଂ ଡିଇଓ ପ୍ରଦୀପ କୁମାର ନାଗଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସମୀର କୁମାର ପ୍ରଧାନ ଏବଂ ହିମାଂଶୁ ଆଚାରୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଗଡ଼ିକର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ ହେବାପରେ ଜିଲାପାଳ ପ୍ରଶଂସା କରିଥିଲେ। ଭବ୍ୟ କାର୍ଯ୍ୟକ୍ରମରେ ଦାସିଆ ସାଂସ୍କୃତିକ ପରିଷଦର ସଭାପତି ଟୁଟୁବାବୁ ପଟ୍ଟନାୟକ, ଚନ୍ଦନଧାରା ସାହିତ୍ୟ ପତ୍ରିକାର ସମ୍ପାଦକ ହିମାଂଶୁ ଆଚାରୀ, ରାଷ୍ଟ୍ରବାଦୀ ଶିକ୍ଷକ ପରିଷଦର ଜିଲା ସଭାପତି ଅଞ୍ଜନ କୁମାର ଜେନା ଏବଂ ଉତ୍କଳ ପୂଜ୍ୟପୂଜା ପରିଷଦର ସଭାପତି ସମୀର କୁମାର ପ୍ରଧାନ ଉପସ୍ଥିତ ଥିଲେ।

### ସମସ୍ତ କାର୍ଯ୍ୟାଳୟ ପ୍ରକୃତ ପୁଟାସିଂକୁ ସ୍ଥାନାନ୍ତର ଦାବି
#### ସିପିଆଇଏମ୍(ଏଲ୍)ର ୩ ଦିନ ଧାରଣା ଆରମ୍ଭ



ଗୁଣପୁର,୮।୧୧(ଡି.ଏନ୍.ଏ)- ରାୟଗଡା ଜିଲା ଗୁଣପୁର ବ୍ଲକର ପ୍ରକୃତ ପୁଟାସିଂକୁ ସମସ୍ତ କାର୍ଯ୍ୟାଳୟ ସ୍ଥାନାନ୍ତର ଦାବିରେ ସିପିଆଇଏମ୍(ଏଲ)ପକ୍ଷରୁ ସୋମବାରଠାରୁ ୩ ଦିନିଆ ଧାରଣା ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଧାରଣା ଚାଲିଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ନୂତନ ବସଷ୍ଟାଣ୍ଡ ଠାରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣପୁର ଉପଜିଲାପାଳ ଜେ. ସୋନାଲଙ୍କୁ ପ୍ରଦାନ କରାଯାଇଥିଲା। ରେଜିଂତାଲ ମୌଜାରୁ ପୁଟାସିଂ ରାଜସ୍ୱ ଗ୍ରାମକୁ ସମସ୍ତ କାର୍ଯ୍ୟାଳୟ ସ୍ଥାନାନ୍ତର, ପୁଟାସିଂ ପଞ୍ଚାୟତ ଅଫିସକୁ ରେଜିଂତାଲ ମୌଜାରୁ ଉଠାଇ ପୁଟାସିଂ ରାଜସ୍ୱ ଗ୍ରାମକୁ ଆଣିବା ପ୍ରମୁଖ ଦାବି ରହିଛି। ସିପିଆଇଏମ୍(ଏଲ୍)ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ସମେତ ପାଇଟ ଶବର, ରେମୁକା ଦଳବେହେରା, ଡିସାନ ଗମାଙ୍ଗ, ଆୟନ୍ତୋ ଗମାଙ୍ଗ, ଜୁନେଶ କାର୍ଜି, କୈଳାସ ଶବର ପ୍ରମୁଖଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା।

# ସମୃଦ୍ଧି ଆଣିଛି କାଜୁବଗିଚା, ମୋ ପୋଖରୀ

ସଦାଶିବ ପ୍ରହରାଜ
ନବରଙ୍ଗପୁର,୮।୧୧(ବି.ପ୍ର.)



ବିଭାଗ ପକ୍ଷରୁ କରାଯାଇଥିବା କାଜୁ ବଗିଚା।



ଖନନ ହୋଇଥିବା ମୋ ପୋଖରୀ।

- ଜିଲାର ୪୩ ହଜାର ୧୪୨ ହେକ୍ଟର ଜମିରେ କାଜୁ ବଗିଚା
- ଖନନ ହୋଇଛି ୩୪୭୭ ମୋ ପୋଖରୀ
- ଲାଭବାନ ହେଉଛନ୍ତି ଏସ୍‌ସି, ଏସ୍‌ଟି ଓ ଚାଷୀ

ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ଏବଂ ଚାଷୀଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପକ୍ଷରୁ କରାଯାଇଥିବା କାଜୁବଗିଚା ଓ ମୋ ପୋଖରୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ଲୋକଙ୍କ ସମେତ ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ରବିଋତୁରେ କାଜୁ ଅମଳ କରି ଏସ୍‌ସି, ଏସ୍‌ଟି ବର୍ଗର ଲୋକେ ଲାଭବାନ ହେଉଥିବାବେଳେ ମୋ ପୋଖରୀ ସାହାଯ୍ୟରେ ଚାଷୀ ପରିବା ଓ ଅନ୍ୟ ଲାଭଜନକ ଚାଷ କରି ଭଲ ରୋଜଗାର କରୁଛନ୍ତି।

ନବରଙ୍ଗପୁର ଜିଲାରେ ରବିଋତୁରେ ପ୍ରାୟ ୩ ମାସ ବଜାରରେ କଞ୍ଚା କାଜୁ ବିକ୍ରି ହେଉଛି। ଏହାର ଚାହିଦା ମଧ୍ୟ ରହିଛି। ଏହା ବ୍ୟତୀତ ଜିଲାରେ ୧୭ ଘରୋଇ କାଜୁ ଉତ୍ପାଦନ କେନ୍ଦ୍ର ରହିଛି। କାଜୁ ସହ ଲଙ୍କାଆମ୍ବ(କାଜୁଫଳ) ଜୁସ୍ ପ୍ରସ୍ତୁତ ପାଇଁ ମଧ୍ୟ ୨୦୧୦ରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏହାଦ୍ୱାରା ଚାଷୀ ଅଧିକ ଲାଭ ପାଉଥିଲେ। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ତାହା ଅଟକିଗଲା। ନବରଙ୍ଗପୁର ଜିଲାରେ ୪୩ ହଜାର ୧୪୨ ହେକ୍ଟର ଜମିରେ କାଜୁ ବଗିଚା ରହିଛି। ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ସରକାରୀ ଜମିରେ କାଜୁ ବଗିଚା ସୃଷ୍ଟି କରାଯାଇ ଏହାର ରକ୍ଷଣାବେକ୍ଷଣ ଓ ଫଳ ଭୋଗ ପାଇଁ ଅନେକ ଅନୁସୂଚିତ ଜନଜାତି ଓ ଜାତି ଶ୍ରେଣୀର ଲୋକଙ୍କୁ ଲିଜ୍ ଆକାରରେ ପ୍ରଦାନ କରାଯାଇଛି। ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଏହାର ମୁଖ୍ୟ ଲକ୍ଷ୍ୟ। ଏହାଦ୍ୱାରା ଅନ୍ୟ ଚାଷୀମାନେ ମଧ୍ୟ କାଜୁବଗିଚା କରି ଲାଭବାନ୍ ହେବାକୁ ଉତ୍ସାହିତ ହେବେ। ତେବେ ୩୦ରୁ ଊର୍ଦ୍ଧ୍ୱ ବର୍ଷର କାଜୁଗଛଗୁଡ଼ିକୁ କାଟି ସେହି ସ୍ଥାନରେ ନୂତନଭାବେ ଗ୍ରାଫ୍‌ଟିଂ(ହାଇବ୍ରିଡ୍ ବା କଲମୀ) କାଜୁ ଗଛ ଲଗାଇଲେ ଆହୁରି ଅଧିକ ଉତ୍ପାଦନ ହୋଇପାରିବ। ନଚେତ୍ ଗଛର ବୟସ ବଢ଼ିବା ସହ ଧୀରେ ଧୀରେ ଉତ୍ପାଦନ କମିଯିବ ବୋଲି ମତ ପ୍ରକାଶ ପାଇଛି।

ଜିଲାରେ ରହିଥିବା ୪୩ ହଜାର ୧୪୨ ହେକ୍ଟର କାଜୁବଗିଚା ମଧ୍ୟରୁ ୨୦୧୮–୧୯ରେ ୫୩୮ ହିତାଧିକାରୀଙ୍କ ଜମିର ୪୩୦ ହେକ୍ଟର, ୨୦୧୯–୨୦ରେ ୧୧୧୩ ଚାଷୀଙ୍କ ୮୯୦ ହେକ୍ଟର, ୨୦୨୦–୨୧ରେ ୧୧୩୮ ଚାଷୀଙ୍କ ୯୧୦ ହେକ୍ଟର ଓ ୨୦୨୧–୨୨ ବର୍ଷରେ ୧୫୦୧ ଜଣ ଚାଷୀଙ୍କ ୧୨୦୦ ହେକ୍ଟର ଜମିରେ କଲମୀ ଯୁକ୍ତ କାଜୁବଗିଚା ସୃଷ୍ଟିକରାଯାଇଛି। ମୋଟ ୪୨୯୦ ଚାଷୀଙ୍କ ଜମିରେ ୩୪୩୦ ହେକ୍ଟର କାଜୁ ବଗିଚା ସୃଷ୍ଟି ହୋଇଛି। ଏହି କଲମୀ କାଜୁଗଛଗୁଡ଼ିକ ୩ ବର୍ଷରୁ ଅମଳ ଦେଇଥାନ୍ତି। ୪ର୍ଥ ବର୍ଷରୁ ଗଛଗୁଡିକ ଘଞ୍ଚ ହେବା ପରେ ଆହୁରି ଅଧିକ ଅମଳ ଦେଇଥାନ୍ତି। ତେବେ କିଛି ବର୍ଷ ହେଲା ବୟସ ବୃଦ୍ଧି କାରଣରୁ ଅଧିକାଂଶ ଗଛରେ ଅମଳ କମିବାରେ ଲାଗିଛି। ୧୮୩୯.୬୦ ହେକ୍ଟର ଜମିରେ ଗଛ ୩୫ରୁ ଊର୍ଦ୍ଧ୍ୱବର୍ଷର ହୋଇଗଲାଣି। ୩୪୬୧୦.୮୦ ହେକ୍ଟର ଜମିରେ ୬ ବର୍ଷରୁ ୩୩ ବର୍ଷ ମଧ୍ୟରେ ଗଛ ଗୁଡିକ ରହିଛି। ୬୬୮୨ ହେକ୍ଟରରେ ୫ ବର୍ଷ ମଧ୍ୟରେ ଗଛ ରହିଛି। ସେହିଭଳି ବିଭାଗ ପକ୍ଷରୁ ଜିଲାରେ ୩୪୭୭ ମୋ ପୋଖରୀ ଖନନ କରାଯାଇଛି। ୫୬୮ଟି ପୋଖରୀ ଖନନ ଚାଲିଛି। ଏହାଦ୍ୱାରା ଚାଷୀ ଖରିଫଋତୁରେ ବର୍ଷା ଅଭାବ ସମୟରେ ଚାଷ ବଞ୍ଚାଇବାରେ ସହାୟକ ହୋଇପାରୁଛି। ରବିଋତୁରେ ମଧ୍ୟ ପରିବା ଚାଷକରି ଚାଷୀ ଲାଭବାନ୍ ହୋଇପାରୁଛନ୍ତି। ଜିଲାରେ ମୋ ପୋଖରୀ ମାଧ୍ୟମରେ ୩୦୦୪ ଏକର ଜମିରେ କୃଷି କାର୍ଯ୍ୟ କରିବାରେ ସହାୟକ ହୋଇପାରିଥିବା ଜଣାପଡ଼ିଛି।

## ଦିବ୍ୟାଙ୍ଗ ପ୍ରମାଣପତ୍ର ଅଛି, ମିଳୁନି ସହାୟତା

ଗୁଣପୁର,୮।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଚିନାସାରି ପଞ୍ଚାୟତ ଚାନ୍ଦିଘର ଗ୍ରାମର ସୁଜୟ ଶବରଙ୍କ ପ୍ରଥମ ପୁତ୍ର ବିବେକ। ବୟସ ମାତ୍ର ୮ ବର୍ଷ। ସାଙ୍ଗଙ୍କ ସହ ଖେଳିବା, ମଉଜ କରିବା ଏବଂ ପଢ଼ିବା ବୟସରେ ଶଯ୍ୟାଶାୟୀ ହୋଇଛନ୍ତି। ଜନ୍ମରୁ ଦିବ୍ୟାଙ୍ଗ ସାଙ୍ଗକୁ ତାଙ୍କର ଦୁର୍ବଳ ଶରୀର ରହିଛି। ବୟସ ବଢ଼ିବା ସହ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଥିଲେ ମଧ୍ୟ କୌଣସି ସୁବିଧା ସୁଯୋଗ ମିଳୁ ନ ଥିବା ଅଭିଯୋଗ ହୋଇଛି।

ବାପା ସୁଜୟ ଶ୍ରମିକଭାବେ କାମ କରି ପରିବାର ଚଳାଉଛନ୍ତି। ମା' ଅସହାୟ ପୁଅକୁ ଜଗି ରହିବାକୁ ବାଧ୍ୟ ହେଉଛନ୍ତି। ଜଣଙ୍କ ଶ୍ରମରେ ଘର ଚଳିବା କଷ୍ଟକର ହୋଇ ପଡୁଥିବା ସୁଜୟ କୁହନ୍ତି। ବିବେକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ନେଇ ପ୍ରମାଣପତ୍ର ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୦୦ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି।




ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିଥିବା ଦିବ୍ୟାଙ୍ଗ ପ୍ରମାଣପତ୍ର।

**ଶଯ୍ୟାଶାୟୀ ବିବେକ**

ହେଲେ ବିବେକଙ୍କୁ ସେଭଳି କୌଣସି ସରକାରୀ ସୁବିଧା ସୁଯୋଗ ମିଳୁନାହିଁ। ସ୍ଥାନୀୟ ସରପଞ୍ଚ ଏବଂ ପିଇଓଙ୍କୁ ଏ ନେଇ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ମା', ବାପା କହିଛନ୍ତି। ସୂଚନାଯୋଗ୍ୟ, ୪୦ ପ୍ରତିଶତ ଦିବ୍ୟାଙ୍ଗ ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ମାସିକ ୫୦୦ ରୁ ୭୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବା ସହ ବିଜୁ ପକ୍କା ଘର ଏବଂ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦେବା ପାଇଁ ଯୋଜନା ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ ଚାଉଳ ଯୋଗାଇଦେବା ନିମନ୍ତେ ଯୋଜନା ରହିଛି। କିନ୍ତୁ ବିବେକ ଏଥିରୁ କୌଣସି ସୁଫଳ ପାଉନାହାନ୍ତି। ତେଣୁ ଶୀଘ୍ର ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବିବେକଙ୍କ ପରିବାର ଏବଂ ଗ୍ରାମବାସୀ ଦାବି କରିଛନ୍ତି।

## ଡିଏଲ୍‌ଏସ୍‌ଏ ପକ୍ଷରୁ ଆଇନ ସଚେତନତା

ରାୟଗଡ଼ା ଅଫିସ,୮।୧୧

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ଅଙ୍ଗନୱାଡି କର୍ମୀ ଓ ମହିଳା ସୁପରଭାଇଜରଙ୍କ ଉଦ୍ଦେଶ୍ୟରେ ଏକ ଅନ୍‌ଲାଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଏଲ୍‌ଏସ୍‌ଏର ସଚିବ ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାମାକ୍ଷୀ ପାଢ଼ୀ ଯୋଗ ଦେଇଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଡିଏଲ୍‌ଏସ୍‌ଏ ସଚିବ ବିଭିନ୍ନ ଆଇନ ସେବା ବିଷୟରେ ଆଲୋକପାତ କରିଥିଲେ। ଏଥିସହ ପ୍ରାଧିକରଣର ଲକ୍ଷ୍ୟ ଏବଂ କାର୍ଯ୍ୟକ୍ରମ ବିଷୟରେ କହିଥିଲେ। ଏଭଳି କାର୍ଯ୍ୟକ୍ରମ ଜାରି ରହିଲେ ଲୋକେ ସଚେତନ ହୋଇପାରିବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

## ୧୮ ହଜାର ଦରମା ଦାବି କଲେ ଆଶାକର୍ମୀ

କୋଷାଗୁମୁଡ଼ା,୮।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକର ଆଶା କର୍ମୀମାନେ ୧୪ ଦଫା ଦାବି ନେଇ ସୋମବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ବସଷ୍ଟାଣ୍ଡରୁ ଆଶା କର୍ମୀମାନେ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରାଯିବା, ମାସିକ ୧୮ ହଜାର ଦରମା, ଦୁର୍ଘଟଣା ଘଟି କିମ୍ବା ସାଧାରଣ ମୃତ୍ୟୁ ଘଟିଲେ ୫ ଲକ୍ଷ ଟଙ୍କା ପ୍ରଦାନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦନ ନିମନ୍ତେ ଦାବି ପତ୍ରରେ ଉଲ୍ଲେଖ ରହିଛି। ବିଡିଓଙ୍କ ଅନୁପସ୍ଥିତିରେ ଆକାଉଣ୍ଟ ଅଫିସର ଗିରିଜା ପ୍ରସାଦ ଦିଶାରୀ ଦାବିପତ୍ର ଗ୍ରହଣ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ପରମେଶ୍ୱର ବିଷୋୟୀ, ବ୍ଲକ ସଭାନେତ୍ରୀ ଧାର୍ମିଳା ଗଣ୍ଡା, ରମଣୀ ହରିଜନ, ଆଶା ସଂଘର ଜିଲା ସଭାନେତ୍ରୀ ଗୀତାଞ୍ଜଳି ହରିଜନ ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ।




ଶୋଭାଯାତ୍ରାରେ ବାହାରିଥିବା ଆଶା କର୍ମୀମାନେ।

## ଜଗନ୍ନାଥ ସାଗର ସୁରକ୍ଷା ନେଇ ଶୋଭାଯାତ୍ରା

ଜୟପୁର,୮।୧୧ (ନି.ପ୍ର.)

ଜୟପୁରର ଐତିହାସିକ ଜଗନ୍ନାଥସାଗର ଅସ୍ତିତ୍ୱ କ୍ରମଶଃ ଲୋପ ପାଇଆସୁଛି । ପୁନରୁଦ୍ଧାରକରି ଏହାର ଜଳ ବ୍ୟବହାର ଉପଯୋଗୀ କରିବା ଲାଗି 'ମୋ ଜଗନ୍ନାଥ ସାଗର ଟ୍ରଷ୍ଟ' ପକ୍ଷରୁ ରବିବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଜାନଗର ଛକଠାରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ମୁଖ୍ୟ ଟ୍ରାଫିକ ଛକ ଯାଏ ଯାଇଥିଲା। ଜୟପୁରର ପ୍ରାଣକେନ୍ଦ୍ର, ସୌନ୍ଦର୍ଯ୍ୟର ମାଇଲଖୁଣ୍ଟ ହେଉଛି ଜଗନ୍ନାଥସାଗର। ଏହି ସାଗରର ସୁରକ୍ଷା, ପୁନରୁଦ୍ଧାର ଓ ଜବରଦଖଲରୁମୁକ୍ତ କରିବା ଦାବିରେ ବିଭିନ୍ନ ବର୍ଗର ଲୋକେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହା ପୂର୍ବରୁ ମଧ୍ୟ ସମସ୍ତଙ୍କୁ ନେଇ ବୈଠକ ହୋଇ ଜଗନ୍ନାଥସାଗରର ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ପଙ୍କ ଓ ଦଳ ଉଦ୍ଧାର ସହ ଜଳର ସ୍ୱଚ୍ଛତା, ସାଗର ସହ ମିଶିଥିବା ନାଳ ଓ ନର୍ଦ୍ଦମାକୁ ବନ୍ଦ କରିବା, ସାଗରର ଚତୁଃପାର୍ଶ୍ୱରେ ରହିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଦାବି ନେଇ ଏହି ଶୋଭାଯାତ୍ରା କରାଯାଇଥିଲା। ଆଗାମୀ ଦିନରେ ଏହି କାର୍ଯ୍ୟରେ ସହରର ସାମାଜିକ, ରାଜନୈତିକ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଜିଲାପାଳ, ତହସିଲଦାରଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି।




## ଉଦ୍‌ଘାଟନୀ ମ୍ୟାଚ୍‌ରେ କଣ୍ଟା ବିଜୟୀ



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

**ଆନ୍ତଃ ରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଏମ୍‌ଭି ୭୯,୮।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି–୭୯ଠାରେ ସୋମବାର ଅନ୍ତଃ ରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ସାବରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରୂପେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ଯୁବଗୋଷ୍ଠୀଙ୍କ ଉଦ୍ୟମରେ ଆରମ୍ଭ ହୋଇଛି। ସବୁ ଜିଲାରୁ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ସୋମବାର କୁଡୁମୁଲୁଗୁମା ସହ କଣ୍ଟା ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। କଣ୍ଟା ଟିମ୍ ୪/୩ ଗୋଲ କରି ଉଦ୍‌ଘାଟନୀ ମ୍ୟାଚରେ ବିଜୟୀ ହୋଇଛି। ସାବରୀ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ମୋହନ ହାଲ୍‌ଦାର, ମନୋରଞ୍ଜନ ହାଲ୍‌ଦାର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ପାଢ଼ୀ, ନିମାଇଁ ଚନ୍ଦ୍ର ପାଲ, ଦୁର୍ଗା ତ୍ରିପାଠୀ, ଆଡ଼ମା ରାବା, ବ୍ଲକ ଅଧ୍ୟକ୍ଷ ମାଲା ମାଢୀ, ଡ. ପ୍ରସନ୍ନଜିତ୍ ରାୟ, ସତ୍ୟନାରାୟଣ ସୁବୁଦ୍ଧି, ପରିତୋଷ ସରକାର, ସତ୍ୟନାରାୟଣ ମୁଦୁଲି, ପ୍ରମୋଦ ମୁଦୁଲି, ଦୀପକ ଦତ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସତବୀର ସିଂ ରେଫରି ରୂପେ ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟର ଆୟୋଜକ ରୂପେ ସଭାପତି ଦୀପକ ଦତ୍ତ, ସମ୍ପାଦକ ସୋଲିଲ ଆଇଚ, ସଞ୍ଜୀବ ହାଲ୍‌ଦାରଙ୍କ ସହ ଅନ୍ୟମାନେ ରହିଛନ୍ତି। ଟୁର୍ଣ୍ଣାମେଣ୍ଟ ୬ ଦିନ ଧରି ଚାଲିବ। ଫାଇନାଲରେ ବିଜୟୀ ଟିମ୍‌କୁ ୫୦ହଜାର ଓ ରନର୍ସ ଅପ୍ ଟିମ୍‌କୁ ୩୦ହଜାର ଦେଇ ପୁରସ୍କୃତ କରିବାର ବ୍ୟବସ୍ଥା ରହିଛି।

## ବିଜେଡି, କଂଗ୍ରେସ ବିରୋଧରେ ବର୍ଷିଲେ କେନ୍ଦ୍ରମନ୍ତ୍ରୀ

ଉମରକୋଟ,୮।୧୧(ସ୍ୱ.ପ୍ର)

- ଭାଜପାର ମିଶ୍ରଣ କାର୍ଯ୍ୟକ୍ରମ, ମହା ସମାବେଶ
- ଭାଜପାରେ ମିଶିଲେ ଶତାଧିକ କର୍ମୀ

କେନ୍ଦ୍ର ଜଳ ସମ୍ପଦ ଓ ଆଦିବାସୀ ଉନ୍ନୟନ ବିଭାଗ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସୋମବାର ନବରଙ୍ଗପୁର ଜିଲା ଗସ୍ତରେ ଆସି ଉମରକୋଟସ୍ଥିତ ତିନି ନମ୍ବର ଡଙ୍ଗରିଗୁଡ଼ା ପଡ଼ିଆ ଠାରେ ହୋଇଥିବା ଦଳୀୟ ସମାବେଶ ଓ ମିଶ୍ରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଠାରେ ୧୫୦ରୁ ୨୦୦ ନୂତନ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ମନ୍ତ୍ରୀ ସମାବେଶରେ ଉଦ୍‌ବୋଧନ ଦେଇ ୨୦୨୨ ସୁଦ୍ଧା କୌଣସି ବ୍ୟକ୍ତି ଯେପରି ଗୃହହୀନ ହୋଇ ନ ରହିବେ ତାହା ମୋର ପ୍ରାଥମିକତା ବୋଲି କହିଥିଲେ। ଏହି ଯୋଜନାକୁ ସାକାର କରିବା ନିମନ୍ତେ ସମସ୍ତ ଜିଲାପାଳ ଓ ନବରଙ୍ଗପୁର ଜିଲାପାଳଙ୍କୁ ବ୍ୟକ୍ତିଗତଭାବେ ଅନୁରୋଧ କରିଛି ବୋଲି କହିଥିଲେ। ଏଥିରେ ବ୍ୟତିକ୍ରମ ଘଟିଲେ ଜିଲାପାଳମାନେ ଦାୟି ରହିବେ ବୋଲି ମନ୍ତ୍ରୀ କହିଛନ୍ତି। କଂଗ୍ରେସ ଦୀର୍ଘ ୬୨ ବର୍ଷ ଶାସନରେ ରହି ଗରିବି ହଟାଇବା ପାଇଁ କେବଳ ଫାଙ୍କା ଘୋଷଣା କରୁଥିଲେ ମଧ୍ୟ ଆନ୍ତରିକତା ନ ଥିବା ଯୋଗୁ ଗରିବି ହଟିପାରିଲା ନାହିଁ ବୋଲି କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହିଳା ସଶକ୍ତିକରଣ, ରାସ୍ତାଘାଟର ବିକାଶ ଓ ଗରିବଙ୍କ ବିକାଶ କେବଳ ଅଟଳ ବିହାରୀ ବାଜପାୟୀଙ୍କ ସମୟରେ ସମ୍ଭବ ହେଇଥିଲା। ବାଜପାୟୀଙ୍କ ସମସ୍ତ ଅଧୁରା କାର୍ଯ୍ୟ ଏବେକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ରାଜ୍ୟ ସରକାରଙ୍କୁ ମଧ୍ୟ ଟାର୍ଗେଟ କରି କେନ୍ଦ୍ରର ବିଭିନ୍ନ ଯୋଜନାକୁ ରାଜ୍ୟ ସରକାର ନିଜ ନାମ ଦେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ର ସରକାର ଆଦିବାସୀ ପିଲାଙ୍କ ଦାୟିତ୍ୱ ଦେବାପରେ ଆଦିବାସୀ ପିଲାଙ୍କ କଲ୍ୟାଣ ପାଇଁ ୨୫୦୦ କୋଟି ପ୍ରଦାନ କରିଛନ୍ତି ବୋଲି କହିଛନ୍ତି।

କାର୍ଯ୍ୟକ୍ରମକୁ ନଗର ସଭାପତି ସୁରେଶ କୁମାର ଆଚାର୍ଯ୍ୟ ପରିଚାଳନା କରିଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି ଓ ବଳଭଦ୍ର ମାଝି, ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, କଳାହାଣ୍ଡି ପ୍ରଭାରୀ ରମେଶ ଚନ୍ଦ୍ର ସାହୁ, ଗୌରୀ ମାଝି, ଲୋଇସିଙ୍ଗା ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ପରିଷଦ ସଭ୍ୟା ପ୍ରୀତି ସ୍ନିଗ୍ଧା ମହାପାତ୍ର, ଜିଲା ସଭାପତି ଜଗଦିଶ ବିଶୋଇ, ପି. ରାବଣ। ରାଓ, ପି. ଚନ୍ଦ୍ର ରାଓ, ପୁନିତ ଗଣ୍ଡ, ରାଜ୍ୟ ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର, ବିଶ୍ୱନାଥ ସିଲ, ବିନି ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଏଥି ପୂର୍ବରୁ କେନ୍ଦ୍ରମନ୍ତ୍ରୀଙ୍କୁ ଧୋଡ୍ରାଠାରୁ କର୍ମୀମାନେ ବିରାଟ ଶୋଭାଯାତ୍ରାରେ ପାଛୋଟି ଆଣି ସହର ପରିକ୍ରମା କରାଇ ସଭାସ୍ଥଳକୁ ନେଇଥିଲେ।



ମିଶ୍ରଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ, ଦଳୀୟ ନେତା ଓ ନୂତନ କର୍ମୀମାନେ ।

### କାର୍ଯ୍ୟରେ ଯୋଗଦେଲେ ନୂତନ ଏଡିଜେ

ଗୁଣପୁର,୮।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କୋର୍ଟରେ ନୂତନ ଏଡିଜେ ଭାବେ ସୋମବାର ମାନସ ରଞ୍ଜନ ରଥ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ସୋନପୁର ଜିଲାରେ କାର୍ଯ୍ୟରତ ଥିବାବେଳେ ବଦଳି ହୋଇ ଗୁଣପୁର ଏଡିଜେ କୋର୍ଟକୁ ଆସିଛନ୍ତି। ଏଥିପାଇଁ ଓକିଲ ସଂଘର ସମ୍ମିଳନି କକ୍ଷରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଓକିଲ ସଂଘର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ବରିଷ୍ଠ ଏବଂ କନିଷ୍ଠ ଓକିଲମାନେ ଉପସ୍ଥିତ ଥିଲେ। ଏଥିସହ ସବ୍‌ଜଜ୍ ସଙ୍ଗିତା ମଲିକ, ଏସ୍‌ଡିଜେଏମ୍ ବିଭୁତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନାରୀ ସଶକ୍ତୀକରଣକୁ ନେଇ ଆଲୋଚନାଚକ୍ର

ଡାବୁଗାଁ,୮।୧୧(ଡି.ଏନ୍.ଏ.)

ସୃଜନୀ ପରିବାର ଚେନ୍ନାଇ ଆନୁକୂଲ୍ୟରେ ରବିବାର ନାରୀ ଜାଗୃତିତଥା ସଶକ୍ତୀକରଣକୁ ନେଇ ଏକ ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଶାନ୍ତି ଦେବୀ ଏହାର ଉଦ୍‌ଘାଟନ କରି ନିଜର ଓଜସ୍ୱୀ ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ, ସାହିତ୍ୟିକା, ମହିଳା କମିଶନର ପ୍ରାକ୍ତନ ସଦସ୍ୟା ନମ୍ରତା ଚଢ଼ା, ଚକ୍ଷୁ ଶଲ୍ୟ ବିଶେଷଜ୍ଞ ଡା. ଅନିତା ପଣ୍ଡା, ସାହିତ୍ୟିକା ତଥା ସମାଜିକ କର୍ମୀ ଉଷାରାଣୀ ବେହେରା, ଡାବୁଗାଁ ଭୈରବ ମହାବିଦ୍ୟାଳୟର ପ୍ରାଧାପିକା ବାସନ୍ତୀ ମହାନ୍ତି, ସୃଜନୀ ପରିବାରର ଉପଦେଷ୍ଟା ଆଶୁତୋଷ ସାମନ୍ତସିଂହାର (ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ), ମୁଖ୍ୟ ଉପଦେଷ୍ଟା ସମ୍ପାଦକ ଅଶୋକ ସାମନ୍ତ ଉପସ୍ଥିତ ରହି ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଏଥିରେ କବି ସୁଦ୍ୟୁମ୍ନା ପଣ୍ଡା(ବରଗଡ଼), ଜୟଶ୍ରୀ ପଟ୍ଟନାୟକ (ସାହିତ୍ୟିକା), ସାମାଜିକ କର୍ମୀ ତଥା ସ୍ତମ୍ଭକାର (ଭୁବନେଶ୍ୱର) କବି ସସ୍ମିତା ସୁନାମୁଦି, ବନ୍ଦିତା କର(ନବରଙ୍ଗପୁର), ଦୀପିକା ଦାଶ (ବ୍ରହ୍ମପୁର), ନାରୀ ଜାଗୃତି ତଥା ସଶକ୍ତୀକରଣକୁ ନେଇ କବିତା ପାଠ କରିଥିଲେ। ଆକାଶବାଣୀ କେନ୍ଦ୍ର ଭବାନୀପାଟଣାର ଉପସ୍ଥାପିକା ସଂଯୋଜିକା ସୁମତି ମୁଣ୍ଡ ଓ ଆକାଶବାଣୀ ଜୟପୁରର କବି ସଂଯୋଜିକା ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଏହାକୁ ସଂଯୋଜନା କରିଥିଲେ। ଝାରସୁଗୁଡ଼ାର କବି ଓ ଶିକ୍ଷକ ରମେଶ ପଶାୟତ ସଭାକୁ ସଞ୍ଚାଳନ କରିଥିଲେ।

### ୮ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ

ବୈପାରିଗୁଡା,୮।୧୧ (ଡି.ଏନ୍.ଏ.)– ବୈପାରିଗୁଡା ପୋଲିସ୍ ସୋମବାର ଗଞ୍ଜେଇ ଚୋରା ଚାଲାଣ ବେଳେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମାଲକାନାଗିରି ଜିଲା ମୁଦୁଲିପଡା ଗ୍ରାମର କମଳ ପାଙ୍ଗି ଓ ମୟୂରଭଞ୍ଜ ଜିଲା ବାଉବନ୍ଧ ଗ୍ରାମର ରମାକାନ୍ତ ବେହେରା। ସେମାନଙ୍କ ଠାରୁ ୮କୁଇଣ୍ଟାଲ ୭ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଗଞ୍ଜେଇ ଧରି ସେମାନେ ଭ୍ୟାନ୍ (ଓଡି ୦୧ବି –୮୪୦୯)ରେ ମାଲକାନାଗିରି ପଟୁ ଆସୁଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରାପଡିଥିଲେ ବୋଲି ଏକ ଖବରଦାତା



ସମ୍ମିଳନୀରେ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଓ ଥାନା ଅଧିକାରୀ ଈଶ୍ୱର ଟାଣ୍ଡି କହିଛନ୍ତି। କେସ୍ ନଂ. ୧୮୩/୨୧।

### ଦୁର୍ଘଟଣାରେ ଲ୍ୟାମ୍ପ ଶାଖା ପରିଚାଳକଙ୍କ ମୃତ୍ୟୁ

ବୋରିଗୁମ୍ମା,୮।୧୧(ଡି.ଏନ.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ସହର ଦେଇ ଯାଇଥିବା ୬୩ ନମ୍ବର ଜାତୀୟ ରାଜପଥର ଫାୟାର ଷ୍ଟେସନ ନିକଟରେ ଏକ ସଡକ ଦୁର୍ଘଟଣାରେ ବୋରିଗୁମ୍ମା ଲ୍ୟାମ୍ପ ଶାଖା ପରିଚାଳକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ପି.କିରଣ କୁମାର (୩୩)। ସେ ୨୦୧୦ରୁ ବୋରିଗୁମ୍ମା ଲ୍ୟାମ୍ପରେ କାର୍ଯ୍ୟ କରିଆସୁଥିଲେ। ୨ବର୍ଷ ହେଲା ଲ୍ୟାମ୍ପର ଶାଖା ପରିଚାଳକ ଭାବେ ଦାୟିତ୍ୱ ତୁଲାଉଥିଲେ। କିରଣ କୁମାର ବଣ୍ଡାଗୁଡା ପେଟ୍ରୋଲ ପମ୍ପରେ ବାଇକ (ଓଡ଼ି–୧୦ଜି–୨୭୩୫)ରେ ପେଟ୍ରୋଲ ପକାଇ ଘରକୁ ଯାଉଥିବା ବେଳେ ଫାୟାର ଷ୍ଟେସନ ନିକଟରେ ଠିଆ ହୋଇଥିବା ଏକ ପିକଅପ ଭ୍ୟାନ (ଓଡ଼ି–୧୦ଏଚ୍–୨୬୦୫) ପଛରେ ପିଟି ହୋଇଯାଇଥିଲେ। ତାଙ୍କୁ ପ୍ରଥମେ ବୋରିଗୁମ୍ମା ମେଡ଼ିକାଲ ପରେ କୋରାପୁଟ ମେଡ଼ିକାଲ କଲେଜକୁ ନେବା ସମୟରେ ବାଟରେ କିରଣଙ୍କ ମୃତ୍ୟୁ ହୋଇଯାଇଥିଲା। ଏନେଇ ବୋରିଗୁମ୍ମା ଥାନାରେ କେସ ନମ୍ବର ୧୮୫ /୨୧ରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ସୁବାସ ଚନ୍ଦ୍ର ଷଡ଼ଙ୍ଗୀ ଘଟଣା ତଦନ୍ତ କରୁଛନ୍ତି।

